ଶନିବାର, ୧୭ ଅଗଷ୍ଟ, ୨୦୨୪

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 50 Years



# ରାଖୀ ଭାଇ



ଜିତା ଲିତା ଦୁଇ ସାଙ୍ଗ। ଦୁହେଁ ଗୋଟିଏ ଶ୍ରେଣୀରେ ପାଠ ପଢନ୍ତି। ଦିନେ ଜିତା ମନ ଦୁଃଖରେ ବସିଥାଏ। ଏହା ଦେଖି ଲିତା ପଚାରିଲା, ତୋର ଆଜି କ'ଣ ହୋଇଛି, ତୁ ଦୁଃଖରେ ଥିଲା ଭଳି ମନେ ହେଉଛୁ। ତୋତେ କେହି କିଛି କହିଛି କି?"

ଜିତା କହିଲା, "ନା ସେମିତି କିଛି ନାହିଁ। ମୁଁ ତ ତତେ କିଛି ଲୁଚାଏ ନାହିଁ। ପ୍ରକୃତ କଥା ହେଉଛି ରକ୍ଷାବନ୍ଧନ ଆସିଲେ, ମୋତେ ବହୁତ ଖରାପ ଲାଗେ। ସବୁ ପିଲା ବଜାରକୁ ଯାଉଛନ୍ତି। ନିଜ ଭାଇମାନଙ୍କ ପାଇଁ ରାଖୀ କିଣୁଛନ୍ତି। କିନ୍ତୁ ମୋର ତ କେହି ଭାଇ ନାହାନ୍ତି। କାହା ପାଇଁ ମୁଁ ରାଖୀ କିଣିବି? ମୋତେ ଦେଖ, ମୋର ବି ତ କେହି ଭାଇ ନାହିଁ। ତଥାପି ମୁଁ ଦୁଃଖୀ ନୁହେଁ," ଲିତା ହସି ହସି କହିଲା। ଭାଇ ବିନା ରାଖୀ ପର୍ବ କେମିତି ପାଳନ କରିହେବ ସେ ବିଷୟରେ ତତେ କହିବି। ଏହାପରେ ଜିତାର କାନରେ ଲିତା କିଛି କଥା ଚୁପ୍ କରି କହିଲା। ଏହା ଶୁଣି ଜିତା ଖୁସିରେ ଡେଇଁଲା। ସେହି ମୁହୂର୍ତ୍ତରେ ଯେମିତି ତା'ର ଦୁଃଖ ଦୂର ହୋଇଗଲା।

ଲିତା ଜିତାକୁ କହିଲା, ଆମେ ଦୁହେଁ ଠିକ୍ ଚାରିଟା ପରେ ରାଖୀ କିଣିବାକୁ ଯିବା। ଉଭୟ ନିଜ ମନପସନ୍ଦର ରାଖୀ କିଣିଲେ। ଏହାପରେ ସେମାନେ ନର୍ସରି ଯାଇ ଦୁଇଟି ଆମ୍ବ ଗଛ ବି କିଣିଲେ। ପରଦିନ ସକାଳେ ରାଖୀ ପାଳିବା ପାଇଁ ଦୁହେଁ ସକାଳୁ ଉଠି ନିତ୍ୟକର୍ମ ସାରି କପାଳରେ ତିଳକ ଲଗାଇ ଥାଳି ସଜାଡିଲେ। ଏହା ଦେଖି ଜିତାର ମା' ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ପ୍ରତିବର୍ଷ ରାଖୀରେ ଦୁଃଖୀ ହୋଇ ବସିଥିବା ଜିତା ଆଜି ବହୁତ ଖୁସି ଦେଖାଯାଉଛି । କଥା କ'ଣ? ମା' ପଚାରିଲେ। ମା, ତମେ ଜାଣିଛ ଆଜି ରାଖୀ ପୂର୍ଣ୍ଣମୀ। ମୁଁ ମୋ ଭାଇକୁ ରାଖୀ ବାନ୍ଧିବାକୁ ଯାଉଛି। ଜିତା କୌତୂହଳର ସହ କହିଲା। କୋଉ ଭାଇ! ଆଶ୍ଚର୍ଯ୍ୟ ହୋଇ ମା' ପଚାରିଲେ।

## ଗପ

ଜିତା ମା'ଙ୍କୁ ସାଙ୍ଗରେ ନେଇ ବାଡିରେ ଥିବା ଆମ୍ବ ଗଛକୁ ଦେଖାଇ କହିଲା, ମା', ଇଏ ମୋର ଭାଇ। ମୁଁ ଆଜି ଏହାକୁ ରାଖୀ ବାନ୍ଧିବି। ଲିତା ଓ ମୁଁ ଗତକାଲି ବଜାରରୁ ଏଇ ଚାରା ଆଣିଥିଲୁ। ଗଛ ଆମକୁ ଆଜୀବନ ରକ୍ଷା କରିଥାଏ। ପରିବେଶକୁ ସୁରକ୍ଷା ଦେଇଥାଏ। ଆମେ ନିଃଶ୍ୱାସ ନେବା ପାଇଁ ଶୁଦ୍ଧ ବାୟୁ, ଅମ୍ଳଜାନ ପ୍ରଦାନ କରିଥାଏ। ଏହା ଏକ ଆମ୍ବ ଚାରା, ଗଛରେ ପରିଣତ ହେଲେ ଏହା ଆମକୁ ଖାଇବାକୁ ସୁଆଦିଆ ଫଳ ଦେବ। ସବୁ ଦୃଷ୍ଟିରୁ ଏହି ଗଛ ଭାଇର ଧର୍ମକୁ ଅନୁସରଣ କରିବ। ଲିତା ମୋତେ ଏସବୁ କଥା ବୁଝାଇ କହିଛି। ଝିଅଠାରୁ ଏସବୁ ଶୁଣି ମା' ତାକୁ ଖୁସିରେ କୁଣ୍ଢେଇ ପକେଇଲେ।

ଆମ୍ବ ଚାରା ସହ ବାଡିରେ ଥିବା ସବୁ ଗଛରେ ସେ ଆଣିଥିବା ରାଖୀ ବାନ୍ଧି କହିଲା, ଚାରାକୁ ବଢିବା ପର୍ଯ୍ୟନ୍ତ ସୁରକ୍ଷା ଦେବାକୁ ମୁଁ ପ୍ରତିଶ୍ରୁତି ଦେଉଛି। ରାଖୀରେ ଭାଇ ଭଉଣୀକୁ ସୁରକ୍ଷା ଦେବା ପାଇଁ ଶପଥ ନେଉଥିବା ବେଳେ ଆଜି ଜଣେ ଭଉଣୀ ନିଜ ପ୍ରିୟ ଭାଇକୁ ସୁରକ୍ଷା ଦେବା ପାଇଁ ଶପଥ ନେବ। ଜିତାର କଥା ଶୁଣି ମା'ଙ୍କ ଆଖିରେ ଲୁହ ଆସିଗଲା। ଖୁସିରେ କହିଲେ ତୋ ଭଳି ସମସ୍ତେ ଯଦି ଏଭଳି ଚିନ୍ତାଧାରା ରଖିବେ ତା'ହେଲେ ସମାଜ ହସି ଉଠିବ। ପରିବେଶ ସୁନ୍ଦର ହେବା ସହିତ ବହୁ ସମସ୍ୟାର ସମାଧାନ ହୋଇଯିବ।

**– ଲଳିତ ମୋହନ ମିଶ୍ର**
ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ଖିଁ ଖିଁ ହସ

ଶିକ୍ଷକ: ସତ୍ୟ ଏବଂ ଭ୍ରମ ମଧ୍ୟରେ କ'ଣ ଫରକ ରହିଛି?
ରାଜୁ: ସାର୍, ଆପଣ ଯାହା ପଢ଼ାଉଛନ୍ତି ଏହା ସତ୍ୟ ଏବଂ ଆମେ ଯେ ତାକୁ ଶୁଣୁଛୁ ଏହା ଆପଣଙ୍କ ଭ୍ରମ।

ଥରେ ପପୁ ରାସ୍ତାରେ ଯାଉଥିବା ସମୟରେ ଚଢ଼େଇଟିଏ ତା' ମୁଣ୍ଡରେ ଗିଁ କରି ଉଡ଼ିଗଲା। ସେ ରୁମାଲରେ ତା' ମୁଣ୍ଡକୁ ପୋଛି କହିଲା– ଭଗବାନଙ୍କୁ କୋଟି କୋଟି ଧନ୍ୟବାଦ ଯେ ସେ ଗାଈ ଏବଂ ମଇଁଷିକୁ ଉଡିବା ଶିଖାଇ ନାହାନ୍ତି !

ଭିକାରି: ମା, ଏହି ଗରିବକୁ କେକ୍ ଟିକେ ମିଳିବ କି?
ମହିଳା: କାହିଁକି, ରୁଟିରେ ତୋର କାମ ଚଳିବନି କି?
ଭିକାରି: ନା ମା' ଚଳିବ, ହେଲେ ଆଜି ମୋର ବାର୍ଥ ଡେ ଅଛି ତ!

(ଡାକ୍ତର–ରୋଗୀ ମଧ୍ୟରେ କଥାବାର୍ତ୍ତା)
ରୋଗୀ: ଡାକ୍ତରବାବୁ ମୋ କାନରେ ମଟର ଗଛ ଉଠିଛି।
ଡାକ୍ତର: ଏହା ବଡ ଆଶ୍ଚର୍ଯ୍ୟ କଥା ।
ରୋଗୀ: ହଁ ଆଜ୍ଞା, ଏହା ନିଶ୍ଚିତ ଆଶ୍ଚର୍ଯ୍ୟ କଥା, କାହିଁକି ନା ମୁଁ କାନରେ ଭେଣ୍ଡି ମଞ୍ଜି ପକାଇଥିଲି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▸▸ ଜଣା ଅଜଣା ପୃଷ୍ଠାରେ ବିଭିନ୍ନ ଦେଶର ଜାତୀୟ ଫୁଲ ସମ୍ପର୍କରେ ଜାଣିବାକୁ ପାଇଲି।

**– ଅନିଲ ମହାନ୍ତି, ରାୟଗଡ଼ା**

▸▸ ଏଥର ପ୍ରକାଶିତ ଦେଶାତ୍ମବୋଧକ କବିତାଗୁଡିକ ପଢ଼ିବାକୁ ଭଲ ଲାଗିଲା।

**– ତନ୍ମୟ ସାହୁ, ନୟାଗଡ଼**

▸▸ ଏକ ମିନିଟ୍‌ରେ ୧୧୪୦ଥର ତାଳି ମାରିବା ଜାଣି ସତରେ ଆଶ୍ଚର୍ଯ୍ୟ ଲାଗିଲା।

**– ବିନୟ ରାଉତ, ରାଜକନିକା**

▸▸ 'ତୁମ ତୂଳୀରୁ' ସ୍ତମ୍ଭରେ ସ୍ୱାଧୀନତା ଦିବସ ଉପରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଥିଲା।


**–ପ୍ରିୟମ୍ବଦା ସ୍ୱାଇଁ, ଖଣ୍ଡଗିରି, ଭୁବନେଶ୍ୱର**

## ରଙ୍ଗ ଦିଅ



## ଜାଣନ୍ତି କି

– ମଣିଷ ଶରୀରରେ କେଶ କିମ୍ବା ଲୋମ ତୁଳନାରେ ସବୁଠୁ ଶୀଘ୍ର ବଢିଥାଏ ଦାଢ଼ି।
– ପ୍ରତ୍ୟେକ ମଣିଷଙ୍କ ଶରୀରର ଗନ୍ଧ ଭିନ୍ନ ଭିନ୍ନ ହୋଇଥାଏ, ମାତ୍ର କେତେକ କ୍ଷେତ୍ରରେ କେବଳ ଯାଆଁଳା ସନ୍ତାନଙ୍କ ଶରୀରର ଗନ୍ଧ ଏକାପରି।
– ମନୁଷ୍ୟଙ୍କ କ୍ଷେତ୍ରରେ ଛୁଆ ତିନିମାସର ହେବା ପରେ ଫିଙ୍ଗର ପ୍ରିଣ୍ଟ ନେବା ସମ୍ଭବ ହୋଇପାରେ।
– ସବୁ ମଣିଷଙ୍କର ଜିଭ ଅଲଗା ହୋଇଥାଏ। ସେଥିପାଇଁ ଜିଭର ଛାପ ସମସ୍ତଙ୍କର ଭିନ୍ନ।
– ଅନ୍ୟ ସବୁ ନଖ ତୁଳନାରେ ହାତର ମଝିଆଙ୍ଗୁଳିର ନଖ ଶୀଘ୍ର ବଢିଥାଏ।
– ପ୍ରତିଦିନ ଆମ ପାଟିରୁ ପ୍ରାୟ ୧ ଲିଟର ଲାଳ ତିଆରି ହୋଇଥାଏ।
– ବେଳେବେଳେ ଶୋଇଥିବା ସମୟରେ ଆମ ମସ୍ତିଷ୍କ ଅଧିକ ସକ୍ରିୟ ହୋଇଥାଏ।
– ପିଲା ଜନ୍ମ ହେବା ପରେ ୧ ମାସ ନ ହେବା ଯାଏ ତା' ଆଖିରେ ଲୁହ ଆସି ନ ଥାଏ।
– ବାମପଟର ଫୁସ୍‌ଫୁସ ଡାହାଣ ପଟ ଫୁସ୍‌ଫୁସ ତୁଳନାରେ ୧୦ ପ୍ରତିଶତ ଛୋଟ ହୋଇଥାଏ।
– ମଣିଷର ଦାନ୍ତ ସାର୍କ ମାଛର ଦାନ୍ତ ଭଳି ଶକ୍ତ।
– ମଣିଷ ହେଉଛି ଏକମାତ୍ର ପ୍ରାଣୀ ଯିଏ ଲାଜ କରେ।
– ଏକ ମିନିଟ୍‌ରେ ୨୦ ଥର ଆଖିର ପଲକ ପଡ଼ିଥାଏ। ତେଣୁ ବର୍ଷକୁ ଏହା ୧୦ ମିଲିଅନ ଥର ହୋଇଥାଏ।
– ରାତିରେ ଶୋଇବା ସମୟ ତୁଳନାରେ ସକାଳୁ ଉଠିବା ବେଳକୁ ଆମର ଉଚ୍ଚତା ପ୍ରାୟ ୧ ସେଣ୍ଟିମିଟର ଅଧିକ ଥାଏ। ଏହାର ବୈଜ୍ଞାନିକ କାରଣ ହେଉଛି ଦିନବେଳେ ଶରୀରର ହାଡ ମଧ୍ୟରେ ଥିବା ନରମ ପଦାର୍ଥ କମି ଯାଇଥାଏ ଓ ଚାପି ହୋଇ ଯାଇଥାଏ।




## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



ସ୍ନେହ ମମତାର ଅନାବିଳ ସମ୍ପର୍କ ହେଉଛି ରାଖୀ। ତେବେ ଏଥର ଏହି ପବିତ୍ର ଦିନ ବିଷୟରେ କେତେକ ଭାଇ-ଭଉଣୀ ଯାହା କହନ୍ତି...



# ସ୍ନେହର ଡୋର

ଭାଇ-ଭଉଣୀ ମଧ୍ୟରେ ଥିବା ଅନାବିଳ ସ୍ନେହର ଅଭୁଲା ପ୍ରତୀକ ରାଖୀ। ପ୍ରତିବର୍ଷ ରାଖୀ ପୂର୍ଣ୍ଣିମାରେ ଭାଇ ହାତରେ ଏହାକୁ ବାନ୍ଧି ଏହି ସମ୍ପର୍କର ଡୋରିକୁ ଭଉଣୀ ଆହୁରି ମଜଭୁତ କରିଥାଏ। ଏହି ଦିବସ ପାଳନର ଏକ ପୌରାଣିକ ଆଖ୍ୟାନ ମଧ୍ୟ ରହିଛି। ବଡ ଠାକୁର ବଳଭଦ୍ରଙ୍କର ଏହି ଦିନ ହେଉଛି ଜନ୍ମଦିନ। ଏହା ପଛରେ ଆଉ ଏକ କାହାଣୀ ମଧ୍ୟ ରହିଛି। ଦ୍ୱାପର ଯୁଗରେ ବିଶ୍ୱନିୟନ୍ତା ଶ୍ରୀକୃଷ୍ଣଙ୍କ ହାତରୁ ବୋହୁଥିବା ରକ୍ତକୁ ବନ୍ଦ କରିବାକୁ ଦ୍ରୌପଦୀ ପିନ୍ଧିଥିବା ଶାଢ଼ିକୁ ଚିରି ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଆଉ ସେବେଠାରୁ ତାଙ୍କ ପଛରେ ଛାଇ ହୋଇ ଠିଆ ହୋଇଥିଲେ ଶ୍ରୀକୃଷ୍ଣ। ରାଖୀ ପୂର୍ଣ୍ଣିମା ହେଉଛି ଆମ ହିନ୍ଦୁ ପରମ୍ପରାର ଅନ୍ୟତମ ଲୋକପ୍ରିୟ ପର୍ବ। ଏହି ଦିନକୁ ବେଶ୍ ଉତ୍ସୁକତାର ସହ ଭଉଣୀମାନେ ଅପେକ୍ଷା କରିଥାଆନ୍ତି। ଭାଇ-ଭଉଣୀ ପବିତ୍ର ସମ୍ପର୍କକୁ ଅଧିକ ଦୃଢ କରିବାକୁ ସେଦିନ ଭାଇ ହାତରେ ଭଉଣୀ ରାଖୀଟିଏ ବାନ୍ଧି ଦେଇଥାଏ। ବିଶେଷଭାବରେ ପିଲାମାନେ ଏହି ଦିନକୁ ଆଗ୍ରହର ସହ ଚାହିଁ ବସିଥାଆନ୍ତି। ତେବେ ଏଥର ରାଖୀକୁ ନେଇ କେତେକ ଭାଇ-ଭଉଣୀ ଯାହା କୁହନ୍ତି...

## ଆହୁରି ମଜଭୁତ ହୁଏ ସମ୍ପର୍କ



ରାଖୀ ପୂର୍ଣ୍ଣିମା ପ୍ରତ୍ୟେକ ହିନ୍ଦୁଙ୍କ ଘରେ ପାଳିତ ହୋଇଥାଏ। ଏହା ଏକ ଅନ୍ୟତମ ସ୍ମରଣୀୟ ପର୍ବ। ବିଶେଷଭାବରେ ଏହି ଦିନକୁ ଭଉଣୀ – ଭାଇମାନେ ଅପେକ୍ଷା କରିଥାଆନ୍ତି। କେମିତି ଏହି ଶୁଭ ଦିନ ଆସିବ। ଭାଇ ହାତରେ ରାଖୀଟିଏ ବାନ୍ଧିବି। ଏହା ଏଭଳି ଏକ ସମ୍ପର୍କ, ଯାହାକୁ ବର୍ଣ୍ଣନା କଲେ ତାହା ଶେଷ ହେବ ନାହିଁ। କାହିଁ କେଉଁ ପୌରାଣିକ କାଳରୁ ଏହି ପୂର୍ଣ୍ଣିମା ପାଳିତ ହୋଇ ଆସୁଅଛି। ମୁଁ ମଧ୍ୟ ପ୍ରତିବର୍ଷ ରାଖୀ ପୂର୍ଣ୍ଣିମାକୁ ବେଶ୍ ଜାକଜକମରେ ପାଳନ କରେ। ସକାଳୁ ଗାଧୋଇ ନୂଆ ପୋଷାକ ପିନ୍ଧେ। ତା'ପରେ ଗୁରୁଜନମାନଙ୍କର ଆଶୀର୍ବାଦ ନେଇ ଭାଇ ହାତରେ ରାଖି ବାନ୍ଧେ। ଏହି ସମୟରେ ଭଉଣୀକୁ ଭାଇ କିଛି ଗିଫ୍ଟ ଦେବା ଚଳଣି ରହିଛି। ହେଲେ ମୁଁ ତାହାକୁ ଗୁରୁତ୍ୱ ଦେଇ ନ ଥାଏ। କାରଣ ମୋ ପାଇଁ ସବୁଠାରୁ ବଡ ହେଲା ମୋ ଭାଇର ସ୍ନେହ। ଏଥର ରାଖୀ ପୂର୍ଣ୍ଣିମା ଦିନ ଭାଇ ହାତରେ ତ ରାଖୀ ନିଶ୍ଚୟ ବାନ୍ଧିବି। ସେହି ଦିନ ଆମେ ସପରିବାର ପୁରୀ ଯିବାର କାର୍ଯ୍ୟକ୍ରମ ରହିଛି। କାରଣ ଏହି ଦିନ ହେଉଛି ବଡ ଠାକୁର ବଳଭଦ୍ରଙ୍କର ଜନ୍ମଦିନ। ତେଣୁ ଏଭଳି ପବିତ୍ର ଦିନରେ ପୁରୀରେ ତିନି ଠାକୁରଙ୍କୁ ଦର୍ଶନ କରି ତାଙ୍କର ଆଶୀର୍ବାଦ ନେବି। ତା'ପରେ ଘରେ ତ ପିଠାପଣା ହେବ।

**–ସୌମ୍ୟା ସୀମରନ୍ ପାତ୍ର,** କ୍ଲାସ-୧୦,
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବ୍ରହ୍ମଗିରି

## ନିବିଡ ସମ୍ପର୍କର ପ୍ରତୀକ



ଭାଇ-ଭଉଣୀର ସମ୍ପର୍କ କେତେ ନିବିଡ ତାହାକୁ ମାପିବା ସମ୍ଭବ ନୁହେଁ। କାରଣ ଏହା ଜନ୍ମ ଜନ୍ମର। ଭାଇର ଭଉଣୀ ପ୍ରତି ଯେତିକି କର୍ତ୍ତବ୍ୟ ରହିଛି, ଭଉଣୀର ଭାଇ ପ୍ରତି ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ରାଖୀ ହେଉଛି ଏଭଳି ନିବିଡ ସମ୍ପର୍କର ପ୍ରତୀକ ଯାହା ସବୁବେଳେ ସେମିତି ଦୃଢ଼ ଥାଏ। ପୁରାଣ କାଳରେ ଶ୍ରୀକୃଷ୍ଣଙ୍କ ହାତରେ ରାଖୀ ବାନ୍ଧି ତାଙ୍କୁ ଭାଇ ଭାବରେ ଗ୍ରହଣ କରିଥିଲେ ଦ୍ରୌପଦୀ। ଆଉ ତା'ପରେ ଦ୍ରୌପଦୀଙ୍କ ସୁଖଦୁଃଖରେ ସେ ସବୁବେଳେ ଠିଆ ହୋଇଥିଲେ। ତେଣୁ କେବଳ ରାଖୀଟିଏ ବାନ୍ଧିବା ପରେ ଭାଇ କେବଳ ଖୁସି ହେଲେ ଚଳିବ ନାହିଁ। ଭଉଣୀ ପାଇଁ ତାହାର ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ଝଡଝଞ୍ଜା ସମୟରେ ସେ ଭଉଣୀ ସାମନାରେ ପ୍ରାଚୀର ଭାବରେ ଠିଆ ହେବା ଦରକାର। ଏଥର ରାଖୀ ପୂର୍ଣ୍ଣିମାରେ ମୋ ହାତରେ ଉଉଣୀ ରାଖୀ ତ ନିଶ୍ଚୟ ବାନ୍ଧିବ। ଆଉ ଆମେ ବାହାରକୁ ବୁଲି ଯିବାକୁ ସ୍ଥିର କରିଛୁ।

**–ସାଇ ସ୍ୱରୂପ ଦାସ,** କ୍ଲାସ-୭,
ପବ୍ଲିକ ଇଂରାଜୀ ମିଡିୟମ ସ୍କୁଲ, ଫୁଲବାଣୀ

## ସ୍ନେହ ଡୋରରେ ବନ୍ଧା ରାଖୀ



ଭାଇ-ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ ଦର୍ଶାଇଥାଏ ରାଖୀ। ଏହି ପର୍ବ ହିନ୍ଦୁ ଧର୍ମାବଲମ୍ବୀଙ୍କ ଘରେ ବେଶ୍ ଜାକଜମକରେ ପାଳନ କରାଯାଏ। ଉକ୍ତ ଦିନ ଭାଇ ହାତରେ ଭଉଣୀ ରାଖୀ ବାନ୍ଧି ଆଶୀର୍ବାଦ କାମନା କରେ। ଆଉ ଭଉଣୀ ବଡ ହୋଇଥିଲେ ସାନ ଭାଇକୁ ନିଜର ସ୍ନେହ ଡୋରିରେ ଆହୁରି ମଜଭୁତ କରି ବାନ୍ଧିରଖେ। ପ୍ରତିବର୍ଷ ମୁଁ ଏହି ଦିନକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। ମୋ ଭଉଣୀ ମୋ ହାତରେ ରାଖୀ ବାନ୍ଧି ଦେଲେ ମୋତେ ଯେଉଁ ଖୁସି ଲାଗେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ଏହି ଦିନ ଆମ ଘରେ ପିଠାପଣା ହୁଏ। ପଡୋଶୀ ଘରର କେତେକ ସାନ ଭଉଣୀ ମଧ୍ୟ ମୋ ହାତର ରାଖୀ ବାନ୍ଧନ୍ତି। ଏଥର ରାଖୀ ପୂର୍ଣ୍ଣିମାରେ ଆମେ ସମସ୍ତେ ମିଶି ଭୋଜି କରିବାକୁ ଯୋଜନା ରଖିଛୁ।

**–ଯତ୍ରୀନ୍ଦ୍ର ପରୁଆ,** କ୍ଲାସ-୭, ଓଡିଶା ଆଦର୍ଶ ବିଦ୍ୟାଳୟ, ସୁନ୍ଦରଗଡ

## ଏହି ଦିନକୁ ଅପେକ୍ଷା କରିଥାଏ




ଭାଇ-ଭଉଣୀ ମଧ୍ୟରେ ପବିତ୍ର ସମ୍ପର୍କ ହେଉଛି ରାଖୀ। ଏହା ଏବେକାର ନୁହେଁ। କାହିଁ ହଜାର ହଜାର ବର୍ଷ ପୁରୁଣା ଏହି ସମ୍ପର୍କ ପ୍ରାଚୀନ କାଳରୁ ରହି ଆସିଛି। ଉକ୍ତ ଦିନ ହିନ୍ଦୁମାନଙ୍କ ଘରେ ଏହାକୁ ବେଶ୍ ଆଡମ୍ବରରେ ପାଳନ କରାଯାଏ। ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ସେମାନଙ୍କର ଆଶୀର୍ବାଦ କାମନା କରିଥାଆନ୍ତି। ଦୁହିଁଙ୍କ ଭିତରେ ଥିବା ଏହି ସମ୍ପର୍କରେ ଯୁଗ ଯୁଗକୁ ରହିବ ତାହାର ପ୍ରତୀକ ଭାବରେ ରାଖୀ ରହିଆସିଛି। ପ୍ରତିବର୍ଷ ଏହି ଦିନକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। ଏହିଦିନ ମୁଁ ମୋ ଭାଇ ହାତରେ ରାଖୀ ବାନ୍ଧେ। ଆମ ଦୁହିଁଙ୍କ ଭିତରେ ଏହି ସମ୍ପର୍କ ଏପରି ରହିଥାଉ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା କରେ। ଏଥର ରାଖୀ ଦିନ ଆମେ ସାଙ୍ଗମାନେ ଏକାଠି ହୋଇ ଏକ ଭୋଜି କରିବାକୁ ସ୍ଥିର କରିଛୁ ।

**–ଲୋପାମୁଦ୍ରା ସାହୁ,** କ୍ଲାସ-୭,
ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଢେଙ୍କାନାଳ




୧



୨


୩


୭


୪


୫


୬



୮

୧


**ସ୍ମୃତିରେଖା ସାହୁ**
କ୍ଲାସ- ୪, ସରକାରୀ
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ନାରଗୋଦା, ତମାଣ୍ଡୋ,
ଭୁବନେଶ୍ୱର

୨

**ଅନନ୍ତ ପ୍ରସାଦ ସାମନ୍ତରାୟ**
କ୍ଲାସ-୪, ସେଣ୍ଟ ଜାଭିଅର୍ସ
ହାଇସ୍କୁଲ, ମାର୍ଶାଘାଇ,
କେନ୍ଦ୍ରାପଡା



୩


**ଦ୍ରିସ୍ମା ସାହୁ**
କ୍ଲାସ-୪,
ଆପିଜୀ ସ୍କୁଲ,
ଭୁବନେଶ୍ୱର

୪

**ଶାଶ୍ୱତ ମହାପାତ୍ର**
କ୍ଲାସ- ୩,
ଆଦର୍ଶ ଶିଶୁ
ଶିକ୍ଷା ମନ୍ଦିର



୫


**ବିଶ୍ୱଜିତ୍ ରାଉତ**
କ୍ଲାସ- ୪, ଆରତୀ
ଦେବୀ ମୂକ ବଧିର
ବିଦ୍ୟାଳୟ,
ମାର୍ଶାଘାଇ, କେନ୍ଦ୍ରାପଡା

୬

**ବେଦିକ୍ ପୂଜାପଣ୍ଡା**
କ୍ଲାସ- ୨,
ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮,
ଭୁବନେଶ୍ୱର



୭


**ରୋହିତ ଶର୍ମା**
କ୍ଲାସ- ୫,
ଜାଭିଅର୍ସ ଇଣ୍ଟରନ୍ୟାଶନାଲ
ସ୍କୁଲ, ଆଳି,
କେନ୍ଦ୍ରାପଡା

୮

**ମହାଶ୍ୱେତା ସାହୁ**
କ୍ଲାସ- ୫, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ପଦ୍ମପୁର, ବରଗଡ



### ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ବେଲୁନରେ ଡ୍ରାଗନ

**ବେ**ଲୁନରେ ବିଭିନ୍ନ ସ୍ଥାପତ୍ୟ କଳା ପ୍ରଦର୍ଶନ କରାଯାଇପାରିବ। ଏହାର ଏକ ଉଦାହରଣ ହେଉଛନ୍ତି ହଂକଂର ଦୁଇ କଳାକାର ସି ତାଇ ପାଙ୍ଗ୍ ଓ କୁନ୍ ଲୁଂ ହୋ। ଦୁଇଜଣ ମିଶି ବେଲୁନରେ ଏକ ବିରାଟ ଡ୍ରାଗନ୍ ତିଆରି କରିଥିଲେ।



ବେଲୁନରେ ସବୁଠୁ ବଡ ଡ୍ରାଗନ କରି ଏମାନେ ନିଜ ଭିନ୍ନ ପ୍ରତିଭାର ପରିଚୟ ଦେଇଛନ୍ତି, ଏହା ସହିତ ବିଶ୍ୱ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି। ହଂକଂର ଏକ ଶପିଂ ମଲ୍ ତରଫରୁ ଉଭୟ ଏହି ସ୍ଥାପତ୍ୟ ପ୍ରଦର୍ଶନ କରିଥିଲେ।

ବେଲୁନରେ ପ୍ରସ୍ତୁତ ଏହି ଡ୍ରାଗନର ଲମ୍ବ ଥିଲା ୪୧.୭୭ ମିଟର। ଏହାକୁ ତିଆରି କରିବା ପାଇଁ ଉଭୟ କଳାକାର ଅନ୍ୟ ୬୦ ଜଣଙ୍କର ସହାୟତା ନେଇଥିଲେ। ଏଥିପାଇଁ ବ୍ୟବହାର ହୋଇଥିଲା ୩୮,୦୦୦ଟି ରବର ବେଲୁନ। ତେବେ ଚାଇନାର ନୂଆବର୍ଷ ପାଳନ ଅବସରରେ ହଂକଂ ଶପିଂ ମଲ୍ ପକ୍ଷରୁ ଏହି ଡ୍ରାଗନଟିକୁ ପ୍ରସ୍ତୁତ କରାଯାଇଥିଲା।

## ଏଥରର

- ଆମେରିକାରେ ଥିବା ଦୀର୍ଘତମ ନଦୀ ?
- କେଉଁ ଦେଶରେ ସବୁଠୁ ଅଧିକ କଫି ଉତ୍ପାଦନ ହୋଇଥାଏ ?
- ଆଧୁନିକ ପଦାର୍ଥ ବିଜ୍ଞାନ(ଫିଜିକ୍ସ)ର ଜନକ କାହାକୁ କହନ୍ତି ?
- ହ୍ୟାରି ପୋଟର ପୁସ୍ତକର ଲେଖକ ?
- ଆଫ୍ରିକାର ଦୀର୍ଘତମ ନଦୀ ?

## ଗତଥରର ଉ ତ ର

- ଜାପାନୀ ୟେନ୍
- ମାରୀ କ୍ୟୁରୀ
- ବ୍ରାଜିଲ
- ଆମେଲିଆ ଆର୍ଥହାର୍ଟ
- ଫଟୋସିନ୍ଥେସିସ୍

## କହିଲ ଦେଖି

ସ୍ନେହ ମମତାର ବନ୍ଧନ ନେଇ
ବର୍ଷରେ ଥରୁଟେ ଆସଇ ସେହି
ଖୁସିର ଦିନଟେ ଭଉଣୀ ପାଇଁ
ସୁରକ୍ଷା କବଚ ବାନ୍ଧଇ ସେହି
ପାଳୁଥାନ୍ତି ତାକୁ ଭଉଣୀ ଭାଇ
ନାମଟି ତା'ର କିଏ ପାରିବ କହି

**ଉ- ରାଖୀ ପୂର୍ଣ୍ଣିମା**



ସୁରକ୍ଷା କବଚ ଅଟଇ ସିଏ
ସୂତାର ଖିଅରେ ବନ୍ଧାସେ ହୁଏ
ଭାଇଭଉଣୀର ମମତା ଡୋରି
ସ୍ନେହଶ୍ରଦ୍ଧା ଯେତେ ଥାଏ ତ ଭରି
ଭାଇହାତେ ତାକୁ ବାନ୍ଧେ ଭଉଣୀ
ଜାଣିଥିଲେ ନାମ କୁହ ତ ଶୁଣି।

**ଉ- ରାଖୀ**



ଗୋଟିଏ ମାଆର ସନ୍ତାନ ସିଏ
ଭଉଣୀକୁ ଯିଏ ସୁରକ୍ଷା ଦିଏ
ତା' ସୁଖଦୁଃଖରେ ହୁଅଇ ସାଥି
ଭଉଣୀକୁ ଦିଏ ଭରସା ନିତି
ତା'ପାଇଁ ଭଉଣୀ ଖୁସିରେ ରୁହେ
ନାମଟି ତାହାର କହିବ କିଏ

**ଉ- ଭାଇ**

କେତେବେଳେ ସିଏ କରଇ ଅଳି
କେତେବେଳେ ପୁଣି କରଇ କଳି
କେତେବେଳେ ପୁଣି ମିଛରେ ରୁଷେ
କହିଦେଲେ କଥା ମୁରୁକି ହସେ
ସ୍ନେହମମତାର ପ୍ରତୀକଟିଏ
ନାମଟି ତାହାର କହିବ କିଏ

**ଉ- ଭଉଣୀ**



**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫



## କବିତା



### ରକ୍ଷା ବନ୍ଧନ

**ଭା**ଇ ଭଉଣୀଙ୍କ ସରାଗ ପାଇଁ
ଜଗା ପାଦ ତଳେ ମୁଣ୍ଡ ନୁଆଇଁ,
ପିଠା ଖିରି ମାଆ ଗଢ଼େ ଯତନେ
ରାଖୀ ପୂନେଇଁ ବରଷକେ ଦିନେ।
ବାନ୍ଧୁଥିଲି ରାଖୀ ଭାଇ ହାତରେ
ଚନ୍ଦନ ସିନ୍ଦୂର ଫୁଲ କାନରେ,
ବନ୍ଦାଏ ଭାଇକୁ ଚିନ୍ତି ଜୀବନେ
ନ ଆସୁ ବିପଦ ଝଡ଼ ଅଦିନେ।
କେତେ ମିଠା ଥିଲା ମୋ ଭାଇ ପ୍ରେମ
ମିଛ ରାଗ ରୁଷା କଳହ ଆମ,
ପୁଣି ବୁଝିଯାଇ ଏକା ଥାଳିରେ
ଖାଇଥାଉ ଦୁହେଁ ସରାଗ ଭରେ।
ଭିନ୍ନ ଭିନ୍ନ ଜାତି ଭିନ୍ନ ପରବ
ଭିନ୍ନ ଏ ଓଡ଼ିଆ ଭାଷା ଗରବ,
ପଲ୍ଲୀଠାରୁ ଦିଲ୍ଲୀ ଗର୍ବ ଗୌରବ
ତିନି ଠାକୁରଙ୍କ ଅପୂର୍ବ ଭାବ।

*– ଅମରନାଥ ବାରିକ*
*ମୋ: ୯୫୪୦୩୦୮୦୯୫*

### ରାଖୀ ପୂନେଇଁ

**ଭା**ଇ ଭଉଣୀର ପବିତ୍ର ସମ୍ପର୍କ
ଅତୁଟ ରଖିବା ପାଇଁ
ଶ୍ରାବଣରେ ଭିଜି ରାଖୀ ପୂନେଇଁଟା
ଧରାକୁ ଆସଇ ଧାଇଁ।
ତା'ର ଆଗମନେ ମନ ଉପବନେ
ଫୁଟି ବାସେ ଖୁସି ଫୁଲ
ବାନ୍ଧି ହାତେ ରାଖୀ ଭାଇଠୁ ଭଉଣୀ
ମାଗେ ମମତାର ମୂଲ।
ପ୍ରତି ଘରେ ଘରେ ଭାସେ ଖିରି ପୁରି
ହୋଇଥାଏ ବିରିପିଠା।
ଦୀପରେ ବନ୍ଦେଇ ଭାଇକୁ ଭଉଣୀ
ଖୋଇ ଦେଇଥାଏ ମିଠା।
ସବୁ ପୂନେଇଁଠୁ ଅଟଇ ନିଆରା
ଏ ରାଖୀ ପୂନେଇଁ ଜାଣ
କୁହଇ ଭଉଣୀ ଭୁଲିବୁନି ଭାଇ
ରହିଲା ତତେ ମୋ ରାଣ।

**– ଜୟନ୍ତ କୁମାର ମଲ୍ଲିକ୍**
ମୋ: ୯୪୩୭୮୬୫୭୨୭

### ଆସିଛି ରାଖୀ ପୂନେଇଁ

**ସା**ରା ବରଷ ହୋଇ ହରଷ
ସୁଖରେ ଦିନ ବିତେ
ରାଖୀ ପୂନେଇଁ ଆସିଛି ଆଜି
ମନରେ ଖୁସି ଯେତେ।
ଆଖି ଦେଖିଛି କେତେ ସପନ
ଆହୁରି ଅଛି ବାକି
ଭାଇ ହାତରେ ବାନ୍ଧିବ ରାଖୀ
ଜଗନ୍ନାଥ ଯେ ସାକ୍ଷୀ।
ଭାଇ ଭଉଣୀ ସ୍ନେହ ସରାଗ
ମୂଲ ଅମୂଲ ତା'ର
ସେ ଖୁସି ଦେଖି ଶ୍ରାବଣୀ ମେଘ
ଢାଳିବ ସୁଧା ଧାର।
ଭାଇ ଯେ ତା'ର ବିପଦେ ଢାଲ
ସାଜି ହୋଇବ ଠିଆ
ରାଖୀର ଏଇ ରେଶମୀ ଡୋର
ସାକ୍ଷୀ ରହିବ ଯାହା।

*–ବ୍ରହ୍ମମୟୀ ମିଶ୍ର*
*ମୋ: ୯୪୩୭୮୫୩୬୩୭*

### ଗୋ ମାତା ପୂଜା

**ପ୍ର**ଭୁ ବଳଦେବ ଜନ୍ମ ହୋଇଥିଲେ
ଶ୍ରାବଣ ପୂନେଇଁ ଦିନ
ସେହି ପୁଣ୍ୟ ଦିନ ଗୋ ମାତାଙ୍କ ପୂଜା
ଉତ୍କଳେ ହୁଏ ପାଳନ।
ଅତି ଶରଧାରେ ଗାଧୋଇ ଦିଅନ୍ତି
ଗୋ ମାତାଙ୍କୁ ଗ୍ରାମବାସୀ
ଚନ୍ଦନ ସିନ୍ଦୂର ପୁଷ୍ପମାଳ ଦେଇ
ପୂଜନ୍ତି ଶୁଭ ମନାସି।
ଧୂପ ଦୀପ ସାଥେ ପୂଜା ବିଧି ଅନ୍ତେ
ପିଠାପଣା ଲାଗି ହୁଏ
ଖୁସୀ ହୋଇ ମାତା ସୁଆଦିଆ ପିଠା
ଅତି ଶରଧାରେ ଖାଏ।
କେଉଁ ପୂରା କାଳୁ ଚାଲି ଆସୁଅଛି
ଗୋମାତାଙ୍କ ଏହି ନୀତି
ହର୍ଷ ଉଲ୍ଲାସରେ ସଭିଏଁ ପାଳନ୍ତି
ଗହ୍ମା ପୂନେଇଁର ବିଧି।
ଭଉଣୀ ବାନ୍ଧଇ ପବିତ୍ର ରାଖୀକୁ
ଭାଇ ହାତେ ଏହି ଦିନ
ଭାଇ ଭଉଣୀଙ୍କ ସେନେହ ମମତା
ଯୋଡିରଖେ ଦୁଇ ପ୍ରାଣ।

*– ରାମଚନ୍ଦ୍ର ବେହେରା*
*ମୋ: ୭୩୫୫୬୩୪୩୪୬*

### ରାଖୀ


**ସୂ**ତାଟିଏ ନୁହେଁ ସେ ତ ସମ୍ପର୍କର ଡୋର
ବିଶ୍ୱାସର ଡୋରିଟିଏ ଭାଇ ହାତେ ଭଉଣୀର।
ସୁରକ୍ଷା କବଚଟିଏ ଭରସାର ପ୍ରତୀକ
ନିଃସ୍ୱାର୍ଥ ପ୍ରେମରେ ବାନ୍ଧେ ଜୀବନଟା ଜାକ।
ସ୍ନେହ, ପ୍ରେମେ ବନ୍ଧା ସେ ତ ପବିତ୍ର ବନ୍ଧନ
ସୁମଧୁର ସମ୍ପର୍କର ସୁରକ୍ଷା ବଚନ।
ପବିତ୍ର ସନ୍ତକ ସେ ତ ସମ୍ପର୍କର ସାକ୍ଷୀ
ଶ୍ରଦ୍ଧା, ବିଶ୍ୱାସର ମୂକ ସାକ୍ଷୀ ଅଟେ ରାଖୀ।
ସ୍ନେହ,ପ୍ରେମର ଦୃଢ଼ ବନ୍ଧନ ଯେ ଏହି
ଭାଇ ଭଉଣୀଙ୍କୁ ପ୍ରେମେ ବାନ୍ଧି ଯେ ରଖଇ।

*– ରମାକାନ୍ତ ଦାସ*
*ମୋ: ୯୬୭୮୮୧୫୩୬୯*

## ପ୍ରାଚୀନ ଗଣିତଜ୍ଞ

# ବ୍ରହ୍ମଗୁପ୍ତ

ଥରେ ଇନ୍ଦୁପୁର ହାଇସ୍କୁଲର ସପ୍ତମ ଶ୍ରେଣୀରେ ଶିକ୍ଷକ ଗଣିତ ପଢ଼ାଉ ଥାଆନ୍ତି। ଶିକ୍ଷକ ପଚାରିଲେ ପିଲାଏ, କୌଣସି ସଂଖ୍ୟା ସହିତ ଶୂନ (୦)କୁ ଯୋଗ କିମ୍ବା ବିୟୋଗ କଲେ ସେହି ମୂଳ ସଂଖ୍ୟା ହୋଇଥାଏ, ଯାହା ତୁମେ ସମସ୍ତେ ଜାଣିଛ। କିନ୍ତୁ ମନୋଜ କହିଲ, ୫କୁ '୦' ସହିତ ଗୁଣନ କଲେ କେତେ ହେବ? ସଙ୍ଗେ ସଙ୍ଗେ ମନୋଜ କହିଲା, ସାର '୦' ହେବ। ପୁଣି ଶିକ୍ଷକ ପଚାରିଲେ, ସରୋଜ ତୁମେ କୁହ, ୧୦କୁ '୦' ସହିତ ହରଣ ବା ଭାଗ କଲେ କେତେ ହେବ। ସରୋଜ କହିଲା, ତାହା ମଧ୍ୟ '୦' ହେବ। ଶିକ୍ଷକ କହିଲେ ଭୁଲ୍ ଉତ୍ତର। ଅନ୍ୟ କେହି ମଧ୍ୟ ଠିକ୍ ଭାବେ କହିପାରିଲେ ନାହିଁ। ଶିକ୍ଷକ କହିଲେ, କୌଣସି ସଂଖ୍ୟା '୦' ଦ୍ୱାରା ଭାଗ ହୋଇପାରିବ ନାହିଁ ତାହା ଅନିର୍ଣ୍ଣେୟ। ମନୀଷା ପଚାରିଲା, ସାର୍ '୦'କୁ '୦' ଦ୍ୱାରା ଭାଗ କଲେ କେତେ ହେବ? ଶିକ୍ଷକ ହସି ହସି କହିଲେ, ତାହା ମଧ୍ୟ ନିର୍ଣ୍ଣୟ କରାଯାଇ ପାରିବ ନାହିଁ। ଏହି ଶୂନର ବ୍ୟବହାର ଗଣିତ ଶାସ୍ତ୍ରରେ ଆମ ଦେଶର ପ୍ରାଚୀନ ବୈଜ୍ଞାନିକ ବ୍ରହ୍ମଗୁପ୍ତ କରିଥିଲେ। କିନ୍ତୁ '୦'ର ଆବିଷ୍କାର କିଏ କରିଥିଲେ ଜାଣିଛ? କେହି ଉତ୍ତର ଦେଇ ପାରିଲେ ନାହିଁ। ପୁଣି ପଚାରିଲେ, ଆମ ଦେଶର ଜଣେ ପ୍ରାଚୀନ ଜ୍ୟୋତିର୍ବିଜ୍ଞାନୀ ଥିଲେ। ତାଙ୍କ ନାମରେ ଗୋଟିଏ କୃତ୍ରିମ ଉପଗ୍ରହ ମହାକାଶକୁ ପ୍ରେରଣ କରାଯାଇଥିଲା। ତାଙ୍କ ନାମ କ'ଣ? ଅନିତା କହିଲା, ସାର୍, ଆର୍ଯ୍ୟଭଟ୍ଟ। ସାର୍ କହିଲେ, ବଢ଼ିଆ, ଠିକ୍ କହିଛ। ସେହି ଆର୍ଯ୍ୟଭଟ୍ଟ ହିଁ ଶୂନ'ର ଆବିଷ୍କାର କରିଥିଲେ। ସମସ୍ତେ ଏକା ସ୍ୱରରେ କହିଲେ ସାର୍, ଆଜି ଆମକୁ ବ୍ରହ୍ମଗୁପ୍ତଙ୍କ ବିଷୟରେ କୁହନ୍ତୁ। ସାର୍ କହିଲେ, ଏବେ ସମସ୍ତେ ମନ ଦେଇ ଶୁଣ। ବ୍ରହ୍ମଗୁପ୍ତ ୫୯୮ ଖ୍ରୀଷ୍ଟାବ୍ଦରେ ରାଜସ୍ଥାନର ଭିନ୍‌ମଲଠାରେ ଜନ୍ମଗ୍ରହଣ କରିଥିଲେ। ଉକ୍ତ ସ୍ଥାନର ପୁରୁଣା ନାମ ଥିଲା ଗୁର୍ଜୁରା ଦେଶା। ତାଙ୍କ ପିତାଙ୍କ ନାମ ବିଷ୍ଣୁଗୁପ୍ତ। ବ୍ରହ୍ମଗୁପ୍ତ ତତ୍କାଳୀନ ରାଜା ବ୍ୟାଘ୍ରମୁଖଙ୍କ ଦରବାରରେ ଜ୍ୟୋତିର୍ବିଦ୍ ଭାବେ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ଉଜ୍ଜୟନୀ ମାନ ମନ୍ଦିରର ନିର୍ଦ୍ଦେଶକ ହେଲେ। ତାଙ୍କର ଉଭୟ ଜ୍ୟୋତିର୍ବିଦ୍ୟା ଓ ଗଣିତ ଶାସ୍ତ୍ରରେ ପ୍ରବଳ ଆଗ୍ରହ ଥିଲା। ସେ ଦୁଇଟି ଗ୍ରନ୍ଥ ରଚନା କରିଥିଲେ, ଯଥା- 'ବ୍ରହ୍ମସ୍ଫୁଟ ସିଦ୍ଧାନ୍ତ' ଓ 'ଖଣ୍ଡଖାଦ୍ୟ ସିଦ୍ଧାନ୍ତ'। ଦ୍ୱିତୀୟ ଗ୍ରନ୍ଥଟି ଜ୍ୟୋତିଃଶାସ୍ତ୍ର ଉପରେ ଆଧାରିତ। ବ୍ରହ୍ମସ୍ଫୁଟ ସିଦ୍ଧାନ୍ତରେ ୨୪ଟି ଅଧ୍ୟାୟ ରହିଛି। ଦ୍ୱାଦଶ ଅଧ୍ୟାୟରେ ପାଟୀଗଣିତ, ଜ୍ୟାମିତି ଏବଂ ଅଷ୍ଟାଦଶ ଅଧ୍ୟାୟରେ ବୀଜଗଣିତ ସମ୍ବନ୍ଧରେ ଆଲୋଚନା କରାଯାଇଅଛି। ଅବଶିଷ୍ଟ ଅଧ୍ୟାୟରେ ଜ୍ୟୋତିର୍ବିଦ୍ୟା ସମ୍ବନ୍ଧରେ ଆଲୋଚିତ ହୋଇଅଛି। ଗଣିତ ଶାସ୍ତ୍ର ପ୍ରତି ତାଙ୍କର ମୁଖ୍ୟ ଅବଦାନ ହେଉଛି ୦ (ଶୂନ)ର ଗାଣିତିକ ପ୍ରକ୍ରିୟା। ସେ ଜ୍ୟୋତିଃଶାସ୍ତ୍ରରେ ବୀଜଗଣିତର ପ୍ରୟୋଗ କରିଥିଲେ। ବୀଜଗଣିତର କେତୋଟି ନୂତନ ସୂତ୍ର ମଧ୍ୟ ଆବିଷ୍କାର କରିଥିଲେ।



ସେ ନିର୍ଭୁଲ୍ ଭାବେ ଗଣନା କରି କହିଲେ ଯେ, ଗୋଟିଏ ବର୍ଷ ହେଉଛି ୩୬୫ ଦିନ ୬ ଘଣ୍ଟା ୧୨ ମିନିଟ୍ ୩୬ ସେକେଣ୍ଡ। ବ୍ରହ୍ମଗୁପ୍ତ ହେଉଛନ୍ତି ପ୍ରଥମ ଗାଣିତଜ୍ଞ, ଯିଏକି ପାଟୀଗଣିତ ଓ ବୀଜ ଗଣିତର ପାର୍ଥକ୍ୟ ଜାଣିଥିଲେ। ସେ ଦୁଇଟିକୁ ଗଣିତ ଶାସ୍ତ୍ରର ଦୁଇଟି ପୃଥକ୍ ପୃଥକ୍ ବିଭାଗ ଭାବେ ବିବେଚନା କରିଥିଲେ। ସେ ମଧ୍ୟ କ୍ରମିକ ସଂଖ୍ୟାର ଯୋଗଫଳ, ସେହି ସଂଖ୍ୟାଗୁଡ଼ିକର ବର୍ଗର ଯୋଗଫଳ ଓ ଘନର ଯୋଗଫଳର ସୂତ୍ର ମଧ୍ୟ ବାହାର କରିପାରିଥିଲେ। ଏହାପରେ ଶିକ୍ଷକ କହିଲେ, ପିଲାମାନେ ଏବେ ତୁମ୍ଭେମାନେ ଶୀଘ୍ର କୁହ ୧ ଠାରୁ ୧୦ ପର୍ଯ୍ୟନ୍ତ କ୍ରମିକ ସଂଖ୍ୟାମାନଙ୍କର ଯୋଗଫଳ କେତେ? ସରୋଜ ସଙ୍ଗେ ସଙ୍ଗେ ଉତ୍ତର ଦେଲା, ୫୫। ଶିକ୍ଷକ କହିଲେ ବାଃ! ଏତେ ଜଲ୍‌ଦି ଗଣନା ନ କରି କେମିତି କହିଦେଲ? ସରୋଜ କହିଲେ, ସାର! ୧୦x୧୧ ବିଭକ୍ତ ୨ = ୫୫। ଶିକ୍ଷକ କହିଲେ, ସାବାସ, ଠିକ୍ କହିଛ। ଏହାର ସୂତ୍ର n (n+1)ବିଭକ୍ତ ୨ ଯାହାକୁ ବ୍ରହ୍ମଗୁପ୍ତ ବାହାର କରିଥିଲେ। ମନୀଷା ପଚାରିଲେ ସାର୍, ଜ୍ୟାମିତି ଶାସ୍ତ୍ର ସେ କ'ଣ ବାହାର କରିଥିଲେ? ସାର୍ କହିଲେ, ବଢ଼ିଆ ପ୍ରଶ୍ନଟିଏ ପଚାରିଲ। ବ୍ରହ୍ମଗୁପ୍ତ ତ୍ରିଭୁଜ, ଚତୁର୍ଭୁଜ ଏବଂ ବୃତ୍ତର କ୍ଷେତ୍ରଫଳ ସମ୍ପର୍କରେ ଅନେକ ସୂତ୍ର ବାହାର କରିଥିଲେ। ଶିକ୍ଷକ କହିଲେ, ବର୍ତ୍ତମାନ ପିରିୟଡ଼ ଘଣ୍ଟା ବାଜି ସାରିଲାଣି। ସମୟ ହେଲାଣି, ଶେଷରେ ଏତିକି କହୁଛି, ସେଇ ମହାନ୍ ପଣ୍ଡିତଜ୍ଞଙ୍କ ମୃତ୍ୟୁ ୬୭୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା। ଆଉ ଥରେ କେବେ ସମୟ ହେଲେ ଆର୍ଯ୍ୟଭଟ୍ଟଙ୍କ ବିଷୟରେ ଆଲୋଚନା କରିବା।

**- ବିନୋଦ ଚନ୍ଦ୍ର ଜେନା**
ଭିକ୍ଟୋରି କଲୋନୀ, ପାରଳାଖେମୁଣ୍ଡି, ଗଜପତି
ମୋ : ୭୭୩୫୨୨୨୭୧୩

## ଅଧିକ ଡେଙ୍ଗା ଲୋକ ଥିବା ଦେଶ




ବିଶେଷଭାବରେ ମଣିଷମାନଙ୍କ ଉଚ୍ଚତାରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। କେତେକ ଲୋକଙ୍କର ଉଚ୍ଚତା ସେମାନଙ୍କ ଶାରୀରିକ ଗଠନ ସହ ଏଭଳି ମେଳ ଖାଇଥାଏ ଯେ ସେମାନେ ସୁନ୍ଦର ଦେଖାଯାଆନ୍ତି। ଏହାବ୍ୟତୀତ ଗେଡ଼ା, ମଧ୍ୟମ ଉଚ୍ଚତା ଏପରି କି ଡେଙ୍ଗା ବ୍ୟକ୍ତି ମଧ୍ୟ ଅଛନ୍ତି। ହେଲେ ଏଭଳି କେତେକ ଦେଶ ରହିଛି, ଯେଉଁଠି ଅଧିକ ଡେଙ୍ଗା ଲୋକ ଦେଖାଯାଆନ୍ତି। ନେଦରଲାଣ୍ଡ ଏମିତି ଏକ ଦେଶ, ଯେଉଁଠାରେ ପୁରୁଷଙ୍କର ଉଚ୍ଚତା ୧୬୬ସେ.ମି-୧୮୪ସେ.ମି ହୋଇଥିବା ବେଳେ ମହିଳାଙ୍କ ଉଚ୍ଚତା ୧୭୦.୩୬ ସେ.ମି. ହୋଇଥାଏ। କିଛି ବର୍ଷ ପୂର୍ବେ ଆମେରିକାରେ ରହୁଥିବା ବ୍ୟକ୍ତିଙ୍କର ଉଚ୍ଚତା ଅଧିକ ଥିଲା। କିନ୍ତୁ ବର୍ତ୍ତମାନ ନେଦରଲାଣ୍ଡ ଲୋକଙ୍କର ଉଚ୍ଚତା ପାଖାପାଖି ୧୫ ସେମି ବଢ଼ିଛି। ରୟାଲ ସୋସାଇଟି ଅଫ୍ ଲଣ୍ଡନର ରିପୋର୍ଟ ଅନୁସାରେ ପ୍ରାୟ ୨୦୦ବର୍ଷ ପରେ ବର୍ତ୍ତମାନ ଉକ୍ତ ଦେଶର ଲୋକଙ୍କ ଉଚ୍ଚତାରେ ବୃଦ୍ଧି ଘଟିଛି। ଏହାପଛରେ ଜିନ୍‌ଗତ କାରଣ ରହିଛି ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି।

## ପୋଲ ନ ଥିବା ନଦୀ

ପ୍ରାୟ ସବୁ ନଦୀ ଉପରେ ପୋଲ ଦେଖିବାକୁ ମିଳିଥାଏ। କିନ୍ତୁ ଏମିତି ଏକ ପ୍ରସିଦ୍ଧ ନଦୀ ଅଛି, ଯାହା ଉପରେ ଏପର୍ଯ୍ୟନ୍ତ ପୋଲଟିଏ ତିଆରି ହୋଇନାହିଁ। ସବୁଠାରୁ ବଡ଼ ନଦୀ ଭାବରେ ଆମାଜନ୍ ବେଶ୍ ଜଣାଶୁଣା। ଏହି ନଦୀ ଉପରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ପୋଲ ନିର୍ମାଣ କରାଯାଇ ନାହିଁ। କାହିଁକି ନା ଏହି ନଦୀକୂଳର ମାଟି ବହୁତ ନରମ। ଯଦି ଏଠାରେ ପୋଲ ନିର୍ମାଣ କରାଯାଏ, ତାହା ଅଧିକ ବ୍ୟୟବହୁଳ ହେବା ସହ ତା'ର ସ୍ଥାୟିତ୍ୱ ଉପରେ ଗ୍ୟାରେଣ୍ଟି ନାହିଁ। ଅନ୍ୟପକ୍ଷରେ ଯେଉଁଠାରୁ ଆମାଜନ୍ ନଦୀର ଉତ୍ପତ୍ତି ଏବଂ ଯେଉଁ ବାଟ ଦେଇ ନଦୀ ବହି ଯାଉଛି, ସେଠାରେ ପୋଲର ଆବଶ୍ୟକତା ନାହିଁ। ନଦୀଟି ଯେଉଁ ରାସ୍ତା ଦେଇ ବହୁଛି, ସେଠାରେ ଜନସଂଖ୍ୟା ବହୁତ କମ୍। ଏପରିକି କେତେକ ସ୍ଥାନରେ ଜନବସତି ନଥିବା ସହିତ ସମାନ। ଏହା ବ୍ୟତୀତ ନଦୀ ଉପକୂଳବର୍ତ୍ତୀ ସହରରେ ବସବାସ କରୁଥିବା ଲୋକଙ୍କର ନଦୀ ଆରପଟକୁ ଯିବାର ଆବଶ୍ୟକତା ନ ଥିବାରୁ ଏଠାରେ ନଦୀ ଉପରେ ପୋଲ ନିର୍ମିତ ହୋଇନାହିଁ।



# ଆ ଇ ନା



ରିଶଭ ମିଶ୍ର
୬ ବର୍ଷ/ଭୁବନେଶ୍ୱର



ଆଦ୍ୟା ନମନ୍
୪ ବର୍ଷ/ଭୁବନେଶ୍ୱର